# NATIONAL NEWS BULLETIN (ODIA)

**31 January - 2025**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ମିଳିତ ସଭାକୁ ସମ୍ବୋଧିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

– ବିଶ୍ୱରେ ଅସ୍ଥିରତା ମଧ୍ୟରେ ଭାରତ ଅର୍ଥନୈତିକ,ସାମାଜିକ ଓ ରାଜନୈତିକ ସ୍ଥିରତାର ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହୋଇଛି- କହିଲେ ରାଷ୍ଟ୍ରପତି

–ରାଷ୍ଟ୍ରପତି କହିଛନ୍ତି, କେନ୍ଦ୍ର ସରକାରଙ୍କ ସଫଳତା ଭାରତର ବିକାଶ ଯାତ୍ରାର ଅମୃତକାଳକୁ ନୂତନ ଶକ୍ତି ପ୍ରଦାନ କରିଛି

- ସଂସଦର ଉଭୟ ଗୃହରେ ୨୦୨୪-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

– ଆଜି ଦିନକ ପାଇଁ ଉଭୟ ଗୃହ ମୁଲତବୀ

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଆଜି ଅନୁଷ୍ଠିତ ହେବ ୨ଟି ସେମିଫାଇନାଲ୍ ମ୍ୟାଚ୍

---

# ପାର୍ଲାମେଣ୍ଟ-ପ୍ରେଜ୍

ବିଶ୍ୱରେ ଅସ୍ଥିରତା ମଧ୍ୟରେ ଭାରତ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ସ୍ଥିରତାର ମାଇଲ୍ ଖୁଣ୍ଟ ଭାବେ ବିଶ୍ୱ ପାଇଁ ଉଦାହରଣ ସାଜିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦ ଭବନରେ ଉଭୟ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ୨୦୪୭ ସୁଦ୍ଧା ଦେଶ ଏକ ବିକଶିତ, ଶକ୍ତିଶାଳୀ, ସକ୍ଷମ ଓ ସମୃଦ୍ଧ ଭାରତରେ ପରିଣତ ହେବ । ଉଦ୍‌ବୋଧନରେ ରାଷ୍ଟ୍ରପତି  ସମ୍ବିଧାନ ଗ୍ରହଣ କରିବାର ୭୫ତମ ବାର୍ଷିକୀ ପାଳନ କରିଥିବା କହିଛନ୍ତି । ସେ କହିଛନ୍ତି ଏହି ଅବସର ଗଣତନ୍ତ୍ରର ଜନ୍ମଭୂମି ଭାବେ ଭାରତର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବ ।

କେନ୍ଦ୍ର ସରକାରଙ୍କ  ସଫଳତାକୁ ଅଭୂତପୂର୍ବ ବୋଲି କହିବା ସହ ଶ୍ରୀମତୀ ମୁର୍ମୁ ଏହା ମାଧ୍ୟମରେ ଭାରତର ବିକାଶ ଯାତ୍ରାର ଏହି ଅମୃତ କାଳକୁ ନୂତନ ଶକ୍ତି ପ୍ରଦାନ କରିଛି ବୋଲି କହିଛନ୍ତି।  ସେ କହିଛନ୍ତି, ତୃତୀୟ ପାଳିରେ କାମ ତିନି ଗୁଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ଆଜି ଦେଶରେ ବଡ଼ ବଡ଼ ନିଷ୍ପତ୍ତି ଓ ନୀତିକୁ ଅସାଧାରଣ ଗତିରେ କାର୍ଯ୍ୟକାରୀ କରାଯାଉଛି।

**(Prez, Bikashita Bharat) V/O**

ଆଦିବାସୀ ସମ୍ପ୍ରଦାୟର ପାଞ୍ଚ କୋଟି ଲୋକଙ୍କ ପାଇଁ 'ଧରତୀ ଆବା ଜନଜାତିୟ ଗ୍ରାମ ଉତ୍କର୍ଷ' ଅଭିଯାନ ଆରମ୍ଭ ହୋଇଛି। ଏଥିପାଇଁ ଆଶୀ

ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ରାଷ୍ଟ୍ରପତି କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ସମ୍ପ୍ରସାରଣ କରିବା ସହ ଅତିରିକ୍ତ ୩ କୋଟି ପରିବାରକୁ ନୂଆ ଘର ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ୫ ଲକ୍ଷ ୩୬ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

**(Prez- Awas)**

**V/O**

ରାଷ୍ଟ୍ରପତି କହିଛନ୍ତି, ସରକାର ଯୁବବର୍ଗଙ୍କ ଶିକ୍ଷା ଏବଂ ସେମାନଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ଦେବା ପାଇଁ ପିଏମ୍ ବିଦ୍ୟାଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି । ଏହା ବ୍ୟତୀତ ଶ୍ରେଷ୍ଠ ୫୦୦ଟି କମ୍ପାନୀ ମଧ୍ୟରେ ୧ କୋଟି ଯୁବକଯୁବତୀଙ୍କୁ ଇଣ୍ଟର୍ନସିପ୍ ସୁଯୋଗ ଦିଆଯିବ ବୋଲି ସେ କହିଛନ୍ତି ।

ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ୭୦ ବର୍ଷ ରୁ ଅଧିକ ବୟସର ୬ କୋଟି ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ସେମାନଙ୍କୁ ପ୍ରତିବର୍ଷ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳିବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

**(Prez Ayushman)**

**V/O**

ସରକାର ମହିଳାଙ୍କ ନେତୃତ୍ୱାଧୀନ ବିକାଶକୁ ସାକାର କରିବା ପାଇଁ ନାରୀ ଶକ୍ତି ବନ୍ଦନ ଆଇନ ମାଧ୍ୟମରେ ଲୋକସଭା ଓ ବିଧାନସଭାରେ

ମହିଳାଙ୍କ ପାଇଁ ସଂରକ୍ଷଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି ।

ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୧.୯ ନିୟୁତରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରାଯାଉଛି ଏବଂ ଦେଶରେ ୧୦୦ ନିୟୁତରୁ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରାଯାଇଛି।

ଦୁର୍ଗମ ଅଂଚଳର ଲୋକଙ୍କୁ ଆର୍ଥିକ ବ୍ୟବସ୍ଥା ସହ ଯୋଡ଼ିବାରେ ଆମର ବ୍ୟାଙ୍କିଙ୍ଗ ଏବଂ ଡିଜିଟାଲ୍ ପେମେଣ୍ଟ ଭଉଣୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। କୃଷି ସଖିମାନେ ପ୍ରାକୃତିକ ଚାଷକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ପଶୁ ସଖିଙ୍କ ମାଧ୍ୟମରେ ଆମର ପଶୁସମ୍ପଦକୁ ସୁଦୃଢ଼ କରାଯାଉଛି। ଡ୍ରୋନ୍ ଦିଦି ଯୋଜନା ମହିଳାଙ୍କ ପାଇଁ ଅର୍ଥନୈତିକ ଓ ବୈଷୟିକ ସଶକ୍ତୀକରଣର ମାଧ୍ୟମ ପାଲଟିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି, ଆଜି ଷ୍ଟାର୍ଟଅପ୍ ଠାରୁ ଆରମ୍ଭ କରି କ୍ରୀଡ଼ା ଓ ମହାକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଦେଶକୁ ଆମର ଯୁବପିଢ଼ି ଗର୍ବିତ କରୁଛନ୍ତି ।

ଜାତୀୟ ଶିକ୍ଷା ନୀତି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି । ଯେପରି କେହି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ମାତୃଭାଷାରେ ଶିକ୍ଷାର ସୁଯୋଗ ଯୋଗାଇ ଦିଆଯାଉଛି। ୧୩ଟି ଭାରତୀୟ ଭାଷାରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଛି, ଯାହା ଦ୍ୱାରା ଭାଷା ସମ୍ବନ୍ଧୀୟ ପ୍ରତିବନ୍ଧକକୁ ଦୂର କରାଯାଇ ପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ସେହିପରି କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତକୁ ଆଗକୁ ନେବାକୁ 'ଇଣ୍ଡିଆ ଏଆଇ ମିଶନ' ଆରମ୍ଭ କରାଯାଇଛି । ନ୍ୟାସନାଲ କ୍ୱାଣ୍ଟମ ମିଶନ ଜରିଆରେ ଭାରତ ଏହି ଜ୍ଞାନକୌଶଳରେ ଅଗ୍ରଣୀ ଦେଶ ମାନଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିବାରେ ସକ୍ଷମ ହୋଇଛି ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

## ପାର୍ଲାମେଣ୍ଟ-ଆଡଜର୍ଣ୍ଣ

ସଂସଦର ଶୀତକାଳୀନ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ପରେ ଉଭୟ ଗୃହକୁ ମୁଲତବୀ ରଖାଯାଇଛି । ଲୋକସଭାରେ ବାଚସ୍ପତି ଓମ୍ ବିର୍ଲା' ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଦେଶର ବିକାଶରେ ଅବଦାନ ସଂପର୍କରେ ଗୃହକୁ ସୂଚନା ଦେବା ପରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏ ସଂପର୍କିତ ଏକ ପ୍ରସ୍ତାବ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଜଣାପଡ଼ିଛି । ଏହା ବ୍ୟତୀତ ଶ୍ରୀ ବିର୍ଲା ଅନ୍ୟ ୫ ଜଣ ସଦସ୍ୟଙ୍କ ଅବଦାନକୁ ମଧ୍ୟ ସ୍ମରଣ କରିଛନ୍ତି । ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୪-୨୫ ଅର୍ଥନୈତିକ ସର୍ଭେ ରିପୋର୍ଟ ଗୃହରେ ଉପସ୍ଥାପନ କରିଥିଲେ ।

ରାଜ୍ୟସଭାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ଓ ହରିଆଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମ୍ ପ୍ରକାଶ ଚୌତାଲା ଏବଂ ଅନ୍ୟ ୩ ଜଣ ଦିବଂଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ ପରେ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି ।

# ଦିଲ୍ଲୀ ପୋଲ୍‌ସ

ଦିଲ୍ଲୀ ବିଧାନସଭା ନିର୍ବାଚନ ଆଉ ମାତ୍ର ୪ ଦିନ ବାକି ଥିବାବେଳେ ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ  ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ଏଥିପାଇଁ ବିଭିନ୍ନ ଦଳୀୟ ନେତା, ବରିଷ୍ଠ ରାଜନୈତିକ ନେତା, ଷ୍ଟାର ପ୍ରଚାରକ ଏବଂ ପ୍ରାର୍ଥୀମାନେ ରୋଡ୍‌ଶୋ, ର୍‍ୟାଲି, ସାଧାରଣସଭା ଏବଂ ଘରକୁ ଘର ବୁଲି ଜନସାଧାରଣଙ୍କ ନିକଟରେ ଭୋଟ୍ ଭିକ୍ଷା କରୁଛନ୍ତି । ଏହି ନିର୍ବାଚନ ପୂର୍ବରୁ ସବୁ ରାଜନୈତିକ ଦଳର ନେତା, ଏବଂ ପ୍ରାର୍ଥୀମାନେ ଲୋକମାନଙ୍କୁ ନିଜ ସପକ୍ଷକୁ ନେବାକୁ ଚେଷ୍ଟା କରୁଛନ୍ତି ।

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ଦ୍ୱାରକାଠାରେ ଏକ ସାଧାରଣସଭାକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଅନ୍ୟ ବିଜେପି ନେତାମାନଙ୍କ ମଧ୍ୟରେ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ, ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି, କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ଉତ୍ତରପ୍ରଦେଶର ଉପ ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ପ୍ରମୁଖ ସହରରେ ଭୋଟରମାନଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ସେହିପରି ଆମ୍ ଆଦମୀ ଦଳର ଆବାହକ ଅରବିନ୍ଦ କେଜରିୱାଲ, ବରିଷ୍ଠ ଆପ୍ ନେତା ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ଏବଂ ଦଳୀୟ ସାଂସଦ ସଂଜୟ ସିଂ ମଧ୍ୟ ଦିଲ୍ଲୀର ବିଭିନ୍ନ ନିର୍ବାଚନ ମଣ୍ଡଳୀର ସାଧାରଣସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିବେ ।

ଅନ୍ୟପକ୍ଷରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଆଜି ମଦୀପୁର ଅଞ୍ଚଳରେ ଏକ ଜନସଭାକୁ ସମ୍ବୋଧନ କରିବାକୁ ଥିବା ବେଳେ ଦଳର ସାଂସଦ ପ୍ରିୟଙ୍କା ଗାନ୍ଧୀ ଆଜି ନାଙ୍ଗଲୋଇ ଏବଂ ମୁସ୍ତାଫାବାଦରେ ରୋଡ୍‌ଶୋ ଏବଂ ର୍ୟାଲି କରିବାର କାର୍ଯ୍ୟକ୍ରମ ରହିଛି । ଭୋଟରମାନେ ଆସନ୍ତା ଫେବୃୟାରୀ ୫ ତାରିଖରେ ସେମାନଙ୍କର ମତଦାନ କରିବେ। ଫେବୃୟାରୀ ୮ ତାରିଖରେ ମତଗଣନା ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

---

# ହୁ ସଲ୍ଟ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ- ଡବ୍ଲୁଏଚ୍‌ଓ ଉଚ୍ଚ ରକ୍ତଚାପ ଏବଂ ଆନୁସଙ୍ଗିକ ହୃଦ୍‌ରୋଗର ମୁକାବିଲା ପାଇଁ ପ୍ରୟାସର ଏକ ଅଂଶ ସ୍ୱରୂପ ନିୟମିତ ଲୁଣ ବଦଳରେ ପୋଟାସିୟମଯୁକ୍ତ ଲୁଣ ବ୍ୟବହାର କରିବାକୁ ସୁପାରିଶ୍ କରିଛି । ଅତ୍ୟଧିକ ସୋଡିୟମ୍ ଖାଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଉଛି ବୋଲି ଜଣାପଡ଼ିଛି । ସୋଡିୟମ ଗ୍ରହଣକୁ ହ୍ରାସ କରିବା ପାଇଁ ଡବ୍ଲୁଏଚ୍‌ଓ ଲକ୍ଷ୍ୟ ରଖିଛି । ଅତ୍ୟଧିକ ସୋଡିୟମ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ସୃଷ୍ଟି ହୋଇପାରେ, ଯାହା ବିଶ୍ୱବ୍ୟାପୀ ଲକ୍ଷଲକ୍ଷ ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିଥାଏ । ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ ବାର୍ଷିକ ପ୍ରାୟ ୧୯ଲକ୍ଷ ଲୋକଙ୍କ ମୃତ୍ୟୁ ଲୁଣ ସେବନ ସହିତ ଜଡ଼ିତ । ଏତଦ୍‌ବ୍ୟତୀତ ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଷ୍ଟ୍ରୋକ୍ ଏବଂ କିଡ୍‌ନୀ ଜନିତ ବ୍ୟାଧିପାଇଁ ମଧ୍ୟ ଏକ କାରଣ ଭାବରେ କାର୍ଯ୍ୟ କରିଥାଏ ।

କୌତୂହଳର ବିଷୟ ହେଉଛି ଅନେକ ଲୋକ ସେମାନଙ୍କର ଉଚ୍ଚ ସୋଡିୟମ ଗ୍ରହଣ ବିଷୟରେ ବିଶେଷ ଭାବରେ ଅବଗତ ନୁହନ୍ତି । ଏହା

ଦିନକୁ ହାରାହାରି ୪ ଦଶମିକ ୩ ଗ୍ରାମ୍ ଥିବା ବେଳେ ବିଶ୍ୱ ସଂଗଠନ ଦ୍ୱାରା ୨ ଗ୍ରାମ୍‌ରୁ କମ୍ ସୁପାରିଶ୍‌କୁ ଅତିକ୍ରମ କରେ ।

---

## ହକି

ହକି ଇଣ୍ଡିଅ ଲିଗ୍‌ରେ ୨ଟିଯାକ ସେମିଫାଇନାଲ୍ ମ୍ୟାଚ୍ ଆଜି ଖେଳାଯିବ । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ସନ୍ଧ୍ୟା ୬ଟା ବେଳେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ । ସେହିଭଳି ରାତି ୮ଟା ୧୫ ମିନିଟ୍‌ରେ ଦ୍ୱିତୀୟ ସେମିଫାଇନାଲ୍‌ରେ ସୁର୍‌ମା ହକି କ୍ଲବ୍' ହାଇଦ୍ରାବାଦ ତୁଫାନ୍ସକୁ ଭେଟିବ । ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ସୁର୍‌ମା ହକି କ୍ଲବ୍ ୧୯ ପଏଣ୍ଟ ଲେଖାଏଁ ପାଇଥିବା ବେଳେ ହାଇଦ୍ରାବାଦ ତୁଫାନ୍ସ ଏବଂ ତାମିଲନାଡୁ ଡ୍ରାଗନ୍ସ ୧୮ ପଏଣ୍ଟ ପାଇଛନ୍ତି ।

---

## କ୍ରିକେଟ୍

ଆଇସିସି ମହିଳା ୧୯ ବର୍ଷରୁ ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ କ୍ୱାଲାଲାମ୍ପୁରର ବାୟମସ୍ ଓଭାଲ୍ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍‌ରେ  ଦକ୍ଷିଣ ଆଫ୍ରିକା ଅଷ୍ଟ୍ରେଲିଆକୁ ୫ ୱିକେଟ୍‌ରେ ପରାସ୍ତ କରିଛି । ୧୦୬ ରନ୍ ବିଜୟର ପିଛା କରି ଦକ୍ଷିଣ ଆଫ୍ରିକା ୧୮ ଦଶମିକ ଗୋଟିଏ ବଲ୍‌ରେ ସହଜସାଧ ବିଜୟ ଲାଭ କରିଛି । ଦକ୍ଷିଣ ଆଫ୍ରିକା ତରଫରୁ ଜେମା ବୋଥା ସର୍ବାଧିକ ରନ୍ କରିଥିଲେ ।

ଆଜି ଅପରାହ୍ନରେ କ୍ୱାଲାଲାମ୍ପୁରର ବାୟମସ୍ ଓଭାଲ୍ ଷ୍ଟାଡିୟମରେ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ନିକି ପ୍ରସାଦ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି ।